# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21 March - 2024

### News Editor : *Tapan Kumar Moharana*

********************************

## ମୁଖ୍ୟ ସମ୍ବାଦ

- ସର୍ବୋଚ୍ଚ ନ୍ୟାୟାଳୟରେ ଅସହାୟମାନଙ୍କୁ ଆଇନଗତ ସାହାଯ୍ୟ ଯୋଗାଇ ଦେବା ପାଇଁ ଆରମ୍ଭ କରାଗଲା ହେଲ୍‌ପ ଡେସ୍କ
- ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ନୋଟିସ୍ ଜାରି କଲେ ଓଡ଼ିଶା ହାଇକୋର୍ଟ
- ଆସନ୍ତାକାଲିଠାରୁ ଦୁଇଟି ପର୍ଯ୍ୟାୟରେ ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା ଆରମ୍ଭ ହେବ

ଏବଂ

- ପ୍ରାକୃତିକ ସନ୍ତୁଳନ ବଜାୟ ରଖିବାରେ ବନ୍ୟପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ଆଜି ସାରା ବିଶ୍ୱରେ ପାଳିତ ହେଉଛି ବିଶ୍ୱ ବନ ଦିବସ

## ଏସ୍‌ସି-ଆକ୍ସେସିବିଲିଟି ହେଲ୍‌ପ ଡେସ୍କ

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ ଆଜି ସୁପ୍ରିମକୋର୍ଟ ପରିସରରେ ଆସେସେସିବିଲିଟି ହେଲ୍‌ପ ଡେକ୍ସକୁ ଉଦ୍‌ଘାଟନ କରିଛନ୍ତି । ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ପ୍ରଧାନ ବିଚାରପତି କହିଛନ୍ତି ସୁପ୍ରିମକୋର୍ଟଙ୍କ ମିଶନ ଅନୁସାରେ ଏହି ହେଲ୍‌ପ ଡେକ୍ସ ଖୋଲାଯାଇଛି । ଅସହାୟ ଲୋକମାନଙ୍କୁ ସୁପ୍ରିମକୋର୍ଟର ନ୍ୟାୟିକ ସହାୟତା ଦେବାରେ ସରଳ କରିବା ଲାଗି ଜଷ୍ଟିସ ରବୀନ୍ଦ୍ର ଭଟ୍ଟଙ୍କ କମିଟି ସୁପାରିଶ କରିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି, ହେଲ୍‌ପ ଡେସ୍କ ମାଧ୍ୟମରେ ଦିବ୍ୟାଙ୍ଗଜନ, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ସ୍ୱତନ୍ତ୍ର ସହାୟତା ଦରକାର କରୁଥିବା ଲୋକମାନେ ଏହାର ସୁଫଳ ପାଇପାରିବେ ।

## ହାଁସଦାଙ୍କୁ ହାଇକୋର୍ଟ ନୋଟିସ୍

ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ଓଡ଼ିଶା ହାଇକୋର୍ଟ ସମନ୍ ଜାରି କରିଛନ୍ତି । ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସିବିଆଇର ଆବେଦନକୁ ଗ୍ରହଣ କରି ହାଇକୋର୍ଟ ହାଁସଦାଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡିଛି ।

ସୂଚନାଯୋଗ୍ୟ, ପୂର୍ବରୁ ଏହି ମାମଲାରେ ଦୁର୍ନୀତି ନିର୍ବାରଣ ବିଭାଗ ପକ୍ଷରୁ ହାଁସଦା ଦୋଷମୁକ୍ତ ହୋଇଥିଲେ । ପରେ ସିବିଆଇ ଏହାକୁ ବିରୋଧ କରି ସାଂସଦଙ୍କ ବିରୋଧରେ ହାଇକୋର୍ଟରେ ଆବେଦନ କରିଥିଲା ।

## ନିର୍ବାଚନ-କଳାହାଣ୍ଡି

କଳାହାଣ୍ଡି ଜିଲ୍ଲାରେ ସାଧାରଣ ନିର୍ବାଚନର ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ଆସନ୍ତା ମେ' ମାସ ୧୩ ତାରିଖରେ ଭୋଟ୍‌ଗ୍ରହଣ ହେବ।

ଜିଲ୍ଲାର ଗୋଟିଏ ଲୋକସଭା ଏବଂ ୭ଟି ବିଧାନସଭା କ୍ଷେତ୍ର ଲାଗି ୧ ହଜାରରୁ ଅଧିକ ଭୋଟ୍‌ଗ୍ରହଣ କେନ୍ଦ୍ର କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲାର ୧୧ ଲକ୍ଷ ୯୯ ହଜାର ୩୦୮ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେଥିରୁ ୬ ଲକ୍ଷ ୧ ହଜାର ୨୬୬ ଜଣ ପୁରୁଷ, ୫ ଲକ୍ଷ ୯୭ ହଜାର ୯୭୩ ଜଣ ମହିଳା ଏବଂ ୬୯ ଜଣ ଅନ୍ୟାନ୍ୟ ବର୍ଗର ମତଦାତା ରହିଛନ୍ତି।

ଚଳିତ ନିର୍ବାଚନରେ ଜିଲ୍ଲାରେ ୩୪ ହଜାରରୁ ଅଧିକ ଜଣ ନୂତନ ଯୁବ ଭୋଟର ସାମିଲ ହୋଇଥିବା ନେଇ ସୂଚନା ମିଳିଛି। ଆସନ୍ତୁ ଶୁଣିବା ଆମ ପ୍ରତିନିଧି କ'ଣ କହୁଛନ୍ତି....

**- V/O –**

## ମତଦାନ-ଡ୍ରାଇଭର

ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ରାଜ୍ୟର ସମସ୍ତ ଡ୍ରାଇଭର, କଣ୍ଡକ୍ଟର ଓ କ୍ଲିନରମାନଙ୍କୁ ପୋଷ୍ଟାଲ୍ ବାଲାଟ୍ ମାଧମରେ ମତଦାନ କରିବାର ଅଧିକାର ଦିଆଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହି କର୍ମଚାରୀମାନେ ଯେପରି ସୁରୁଖୁରୁରେ ମତଦାନ କରିପାରିବେ

ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀମାନେ ଜଣେ ନୋଡାଲ୍ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଅଣକ୍ୟାଡର ଅଧିକାରୀଙ୍କ ବଦଳି

ଓଡ଼ିଶା ସମେତ ପଶ୍ଚିମବଙ୍ଗ, ପଞ୍ଜାବ, ଗୁଜୁରାଟ ଆଦି ୪ଟି ରାଜ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ଏସ୍.ପି. ପଦବୀରେ ଅବସ୍ଥାପିତ କେତେଜଣ ଅଣକ୍ୟାଡର ଅଧିକାରୀଙ୍କୁ ନିର୍ବାଚନ ଆୟୋଗ ବଦଳି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ଣ୍ଣାଙ୍ଗ ନିର୍ବାଚନ କମିଶନ ଦଳର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାର ଢେଙ୍କାନାଳ ଜିଲ୍ଲାପାଳ, ଦେବଗଡ଼ ଓ କଟକ ଗ୍ରାମାଞ୍ଚଳ ଏସ୍.ପି.ଙ୍କୁ ସାଧାରଣ ନିର୍ବାଚନ ପୂର୍ବରୁ ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବଦଳିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିର୍ବାଚନ କମିଶନ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଦାମୋଦର ରାଉତଙ୍କ ସ୍ୱାସ୍ଥ୍ୟବସ୍ଥା

ବିଜେଡିର ବରିଷ୍ଠ ନେତା ଡକ୍ଟର ଦାମୋଦର ରାଉତ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ହୃଦ୍‌ଘାତ ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବା ନେଇ ତାଙ୍କ ପୁତ୍ର ବିଧାୟକ ସମ୍ବିତ୍ ରାଉତରାୟ ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡକ୍ଟର ରାଉତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସାମାଜିକ ଗଣମାଧ୍ୟରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଅସୁସ୍ଥତା ବିଷୟରେ ଜାଣି ସେ ଚିନ୍ତିତ । ତାଙ୍କର ଆଶୁ ଆରୋଗ୍ୟ ଓ ଦୀର୍ଘାୟୁ ଜୀବନ କାମନା କରିଛନ୍ତି ।

# ବିଶ୍ୱ ଜଙ୍ଗଲ ଦିବସ

ମନୁଷ୍ୟ ଜୀବନରେ ଜଙ୍ଗଲର ମହତ୍ତ୍ୱକୁ ବୁଝାଇବା ଲାଗି ଆଜି ବିଶ୍ୱରେ ଆନ୍ତର୍ଜାତିକ ବନ ଦିବସ ପାଳନ କରାଯାଉଛି । ଜଙ୍ଗଲ ବିନା ଜୀବନ ଅସମ୍ଭବ । ହେଲେ ବିଗତ କିଛିବର୍ଷ ହେଲା ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡି ଭଳି ଅନେକ ସମସ୍ୟା ଦେଖାଦେଉଛି । ଏକ ଆକଳନ ଅନୁସାରେ ବିଶ୍ୱର ପ୍ରାୟ ୮୦ ପ୍ରତିଶତ ଜଙ୍ଗଲ ଧ୍ୱଂସ ପାଇଲାଣି । ଜଙ୍ଗଲ କ୍ଷୟର ହାର କମିବା ବଦଳରେ ଦିନକୁଦିନ ଅଧିକରୁ ଅଧିକ ଜଙ୍ଗଲକୁ ନଷ୍ଟ କରାଯାଉଛି । ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଏବଂ ବନ୍ୟପ୍ରାଣୀ ଧ୍ୱଂସ ପାଉଛନ୍ତି, ଯାହାର ପ୍ରଭାବ ଜୈବ ବିବିଧତା ଉପରେ ଦେଖାଦେଉଛି । ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଏବଂ ପୁନରୁଦ୍ଧାରକୁ ନେଇ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ପାଇଁ ୨୦୧୨ ମସିହା ନଭେମ୍ବର ୨୮ ତାରିଖରେ ଜାତିସଂଘ ଅନ୍ତର୍ଜାତୀୟ ବନଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲା । ପରିବେଶ ସନ୍ତୁଳନ ରକ୍ଷା କରିବା, ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ଜୀବନକୁ ସୁନ୍ଦର ଆଉ ସବୁଜିମାରେ ଭରିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଏବଂ ଚାରାରୋପଣ ଏକମାତ୍ର ବିକଳ୍ପ ବୋଲି ସମସ୍ତେ ଆଜିର ଦିନରେ ଶପଥ ନେବା ବାଞ୍ଛନୀୟ ।

ଏହି ଅବସରରେ ମାନବ ଜାତିର ସୁସ୍ଥ ଭବିଷ୍ୟତ ପାଇଁ ସମସ୍ତେ ଗଛ ଲଗାଇ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ  ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଅନୁରୋଧ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଙ୍ଗଲର ସୁରକ୍ଷା ତଥା ସଂରକ୍ଷଣ ପାଇଁ ପ୍ରତିବଦ୍ଧତାକୁ ଦୋହରାଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

## ବନ ଦିବସ

ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆଜି ରାଜ୍ୟସ୍ତରୀୟ  ବିଶ୍ୱ ବନ ଦିବସ ୨୦୨୪ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଛନ୍ତି, ପ୍ରକୃତି ଓ ପରିବେଶର ସୁରକ୍ଷା  ସମୃଦ୍ଧି ପାଇଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୃଷ୍ଟି ଅପରିହାର୍ଯ୍ୟ। ଉଭୟଙ୍କ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା କରି ଆଗକୁ ଅଗ୍ରସର ହେବାକୁ ପଡିବ ବୋଲି କହିଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସମ୍ମାନୀୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଓ ଅଭିନବୀକରଣ ଉପରେ ଆଲୋକପାତ କରିଥିଲେ। ଜଙ୍ଗଲକୁ ପଲିଥିନ୍‌ମୁକ୍ତ କରିବା ପାଇଁ ବନବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସେହିଭଳି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ-ବନ୍ୟପ୍ରାଣୀ ସୁଶାନ୍ତ ନନ୍ଦ କହିଥିଲେ, ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ପାଇଁ ବନ୍ୟପ୍ରାଣୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଗାମୀ ଦିନରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗକୁ ଆହୁରି ଅଧିକ ବ୍ୟାପକ କରାଯିବ। ଏହି ଅବସରରେ ବିଶ୍ୱ ବନ ଦିବସ ପୁରସ୍କାର-୨୦୨୪ ପ୍ରଦାନ କରାଯାଇଥିଲା ଏବଂ ବିଭିନ୍ନ ବିଭାଗର

ଯୋଜନା ଓ କାର୍ଯ୍ୟକୁ ସଂକଳନ କରି ଓଡ଼ିଶା ବନବିଭାଗ-୨୦୨୪ ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା ।

## +୨ ଖାତାଦେଖା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ପରୀକ୍ଷା ଗତକାଲି ଶେଷ ହୋଇଛି । ଆସନ୍ତାକାଲିଠାରୁ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ପ୍ରକ୍ରିୟା ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲିଠାରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୪ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୦ହଜାର ୫୦୦ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବେ ବୋଲି ପରିଷଦ କର୍ତ୍ତୃପକ୍ଷ କହିଛନ୍ତି । କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନ୍ ଏବଂ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନ୍ ଜରିଆରେ କରାଯିବ । ଚଳିତବର୍ଷ ୩ଲକ୍ଷ ୮୬ହଜାର ୨୫୦ଜଣ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଛନ୍ତି । ପରୀକ୍ଷାରେ ସମୁଦାୟ ୬ଶହ ଅଣଚାଶ ଜଣ ଛାତ୍ରଛାତ୍ରୀ କପି କରି ଧରାପଡିଥିବା ଜଣାପଡିଛି । ଆସନ୍ତା ମେ' ମାସ ୧୫ ତାରିଖ ମଧ୍ୟରେ +୨ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଲକ୍ଷ୍ୟ ରଖାଯାଇଛି ।

********************************